# ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ, ପୁରୀ

ନଂ 3369 ତା 31.3.17

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧିନସ୍ଥ ଉଲ୍ଲିଖିତ ମାହାଲଗୁଡ଼ିକ ଆଗାମୀ ତା.୨୦.୪.୧୭ ରିଖ ଠାରୁ ତା.୩୧.୩.୨୦ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବ । ପ୍ରଥମ ବର୍ଷର ନିଲାମ ମୂଲ୍ୟ ଉପରେ ୧୦% ବୃଦ୍ଧି କରାଯାଇ ୨ୟ ବର୍ଷ ପାଇଁ ଓ ତା ଉପରେ ୧୦% ବୃଦ୍ଧି କରାଯାଇ ତୃତୀୟ ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ଧାର୍ଯ୍ୟ ଅମାନତ ଟଙ୍କା ଦାଖଲ କରିବା ସପକ୍ଷରେ ପ୍ରମାଣପତ୍ର ସଂଲଗ୍ନ କରି ଉଲ୍ଲିଖିତ ସର୍ତ୍ତାବଳୀ ମତେ ଟେଣ୍ଡର ଫର୍ମର ନମୂନା ଅନୁଯାୟୀ ସାଧା କାଗଜରେ ଉଲ୍ଲେଖ କରି ଜଉମୂଦ ଦିଆ ଲଫାଫାରେ ଭର୍ତ୍ତି କରି କୋଟେସନ ଦରଖାସ୍ତ ମୁଖ୍ୟ ପ୍ରଶାସକ, ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ (ଚିଫ୍ ଆଡ୍‌ମିନିଷ୍ଟ୍ରେଟର, ଶ୍ରୀଜଗନ୍ନାଥ ଟେମ୍ପୁଲ, ପୁରୀ)ଙ୍କ ନାମେ ପଠାଇବେ । ଟେଣ୍ଡର ଦରଖାସ୍ତଗୁଡ଼ିକ ଆସନ୍ତା ୧୫.୪.୧୭ ତାରିଖ ଅପରାହ୍ନ ଘ.୩.୦୦ ସୁଦ୍ଧା ଏହି କାର୍ଯ୍ୟାଳୟସ୍ଥ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ପକାଯାଇପାରିବ । ଏଥିସହ ରେଜିଷ୍ଟ୍ରି ଡାକ ମାଧ୍ୟମରେ କିମ୍ବା ଘରୋଇ ଡାକ ସରୋବରାହ ସଂସ୍ଥା ମାଧ୍ୟମରେ ସମୟ ସୀମା ମଧ୍ୟରେ ଗ୍ରହଣୀୟ ହେବ । ଲଫାପା ଉପରେ କୋଟେସନ ଦାତାଙ୍କ ପୁରା ନାମ, ଚିଠି ପାଇବାର ଠିକଣା ଏବଂ ମାହାଲର ନାମ ଉଲ୍ଲେଖ ରହିବା ଆବଶ୍ୟକ । ଗ୍ରହଣ କରାଯାଇଥିବା ଟେଣ୍ଡରଗୁଡ଼ିକ ୧୫.୪.୧୭ ତାରିଖ ଅପରାହ୍ନ ଘ.୪.୦୦ ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ସଦର କାର୍ଯ୍ୟାଳୟଠାରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ଧାର୍ଯ୍ୟ ଦିନ ଓ ସମୟ ଅତିବାହିତ ହେଲା ପରେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟେଣ୍ଡର ଦରଖାସ୍ତ ନମୂନା ଓ ଲାଇସେନ୍ସ ସର୍ତ୍ତାବଳୀ ପରିପାଳନୀୟ ।

**ଟେଣ୍ଡର ଫର୍ମର ନମୂନା**

୧. ଟେଣ୍ଡର ଦାତାଙ୍କ ନାମ, ପିତାଙ୍କ ନାମ ଓ ସ୍ଥାୟୀ ଠିକଣା –

୨. କେଉଁ ମାହାଲ ନେବାକୁ ଇଚ୍ଛୁକ

୩. ସର୍ବୋଚ୍ଚ କେତେ ଟଙ୍କାରେ ନେବେ –
(ଅଙ୍କରେ ଏବଂ ଅକ୍ଷରରେ ଲେଖିବେ)

୪. ଦାଖଲ କରିଥିବା ଅମାନତ ଟଙ୍କାର ପରିମାଣ –

୫. ରସିଦ୍ ନଂ ତାରିଖ –

୬. ଟେଣ୍ଡର ଦରଖାସ୍ତ ଦାଖଲ କରିବା ତାରିଖ –

ଟେଣ୍ଡର ଦାତାଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର ଓ
ତାରିଖ –

କ୍ରମଶଃ.....